# Akashvani, Sambalpur

## SAMBALPURI NEWS BULLETIN

### 10 May 2024- 6.47- 6.52 am.

*********************************************

ପଦ୍ମ ପୁରସ୍କାର୍-ରାଷ୍ଟ୍ରପତି ଆର୍ଏନ୍ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ୍ ନ ଗୁଟେ ସ୍ୱତନ୍ତ୍ର ସମାରୋହରୁ ପଦ୍ମ ପୁରସ୍କାର୍ ଦେଇଛନ୍ । ଇଥି ୨ ଝନ୍‌କୁ ପଦ୍ମବିଭୂଷଣ୍, ୯ ଝନ୍‌କୁ ପଦ୍ମଭୂଷଣ୍ ଆର୍ ୫୬ ଝନ୍‌କୁ ପଦ୍ମଶ୍ରୀ ପୁରସ୍କାର୍ ଦିଆଯାଇଛେ । ସେମାନ୍‌କର୍ ଭିତ୍‌ରେ ଓଡ଼ିଶାର୍ ବରଗଡ୍ ଜିଲ୍ଲାର୍ ବର୍‌ପାଲି ବ୍ଲକ୍ କୁମ୍ଭାରୀ ଗାଁର୍ ଶବ୍ଦ ନୃତ୍ୟ ଶିଳ୍ପୀ ଗୁରୁ ଭାଗବତ୍ ପ୍ରଧାନ୍ ଆର୍ ଭୁବ୍‌ନେଶ୍ୱର୍‌ର ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ବିନୋଦ ମହାରଣାଙ୍କୁ ପଦ୍ମଶ୍ରୀ ପୁରସ୍କାର୍ ପାଇଛନ୍ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ୍, ଶିକ୍ଷା ବାଗିର୍ ଭିନ୍ ଭିନ୍ କ୍ଷେତ୍ରରୁ ଉଲ୍ଲେଖନୀୟ ଅବଦାନ୍ ଥିବା ବ୍ୟକ୍ତିବିଶେଷ୍ ମାନ୍‌କୁ ଇ ପୁରସ୍କାର୍ ଦିଆଯାଏସି ।

ପ୍ରଧାନ୍‌ମନ୍ତ୍ରୀଙ୍କ ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ବିଜେପିର୍ ବରିଷ୍ଠ୍ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଶ୍ରୀ ମୋଦୀ ଆଏଜ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିକରି ସଞ୍ଜ୍‌ବେଲେ ଗୁଟେ ରୋଡ୍ ସୋଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଶ୍ରୀ ମୋଦୀଙ୍କର୍ ରୋଡ୍ ସୋ ମାଷ୍ଟର୍ କ୍ୟେଣ୍ଟିନ୍ ଛକ୍‌ନୁ ବାହାରିକରି ବାଣୀବିହାର୍‌ତକ୍ ଯିବା । ଇଥିର୍‌ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ୫୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ୩ ଶହ ୫୦ ଝନ୍ ପୁଲିସ୍ ଅଧିକାରୀ ମୁତୟନ ହେଇଛନ୍ ।

ସେନ୍ତା ଆଏବା କାଏଲ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସଖାଲର୍ ୯ ବଜେ ଫୁଲ୍‌ବାଣୀ ଷ୍ଟାଡ଼ିୟମ୍ ନ ଗୁଟେ ନିର୍ବାଚନୀ ସଭାଥି ଯୋଗ୍ ଦେବେ । ଇତାର୍ ଉତ୍‌ରୁ ଦିନର୍ ୧୧ ବଜେ ବଲାଙ୍ଗିର୍ ପଥର୍‌ଚେପା ପଡ଼ିଆ ନ ଆର୍ ଦିନର୍ ୧୨ ବଜେ ବର୍‌ଗଡ୍‌ର ବିକାଶ୍ ଭିନ୍‌ଟେଜ୍ ଠାନେ ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଥିବାର୍ ସୂଚ୍‌ନା ମିଳିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଇ ସବୁ ଜାଗା ମାନ୍‌କେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷ୍‌ନା କରାଯାଇଛେ ।

ବିଜେଡ଼ି- ନିର୍ବାଚନୀ ଇସ୍ତାହାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଜୁ ଜନତା ଦଲର୍ ନିର୍ବାଚନୀ ଇସ୍ତାହାର୍ ଗଲାକାଏଲ୍ ବାହାରିଛେ । ବିଜେଡ଼ି ସଭାପତି ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ୯ ଟା ସଂକଳ୍ପ ଥିବା ନିର୍ବାଚନୀ ଇସ୍ତାହାର୍‌କେ ଉନ୍ମୋଚନ୍ କରିକରି କହିଛନ୍ ଯେ, ୨୦୩୪ ମସିହା ତକ୍ ରାଜ୍ୟକେ ସମୃଦ୍ଧ ଆଉ ସଶକ୍ତ ଲକ୍ଷ୍ୟଥି ତାଙ୍କର୍ ଦଲ୍ କାମ୍ କର୍‌ବା । ରାଜ୍ୟର୍ ଲୁକ୍‌କୁ ଶହେ ୟୁନିଟ୍‌ତକ୍ ମାହାଲିଆ ବିଜ୍‌ଲି ଯୁଗେଇ ଦିଆଯିବା ବଲି ଇସ୍ତାହାର୍‌ଥି କୁହାଯାଇଛେ । ସେନ୍ତା ମଧ୍ୟବିତ ପରିବାର୍‌କେ ଘର୍ ବନାବାର୍‌କେ କମ୍‌ସୁଧଥି ୨୦ ଲାଖ୍ ଟଙ୍କା ଋଣ, ମିଶନ୍ ଶକ୍ତି ମହିଲାମାନ୍‌କୁ ପେନ୍‌ସନ୍, ୧୫ ଲାଖ୍ ତକ୍ ସୁଧ ମୁକ୍ତ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜ୍‌ନାଥି ମଧ୍ୟବିତ ଆର୍ ସର୍‌କାରୀ କର୍ମଚାରୀ, ଚୁକ୍ତିଭିତିକ ଶ୍ରମିକ୍‌ମାନ୍‌କୁ ଖେପ୍ ଖେପ୍ କରି ସାମିଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ସେ ଇସ୍ତାହାର୍ ଘୋଷ୍‌ନା କରିକରି ଆହୁରି କହିଛନ୍ ଯେ, ପଶ୍ଚିମ ଓଡ଼ିଶାର୍ ଭାଷାର୍ ବିକାଶ୍ ଆର୍ ଗବେଷଣା, ଅଧ୍ୟୟନ୍ ଆଉ ଅନୁସନ୍ଧାନ୍ ଲାଗି ୨୫ କୋଟି ଟଙ୍କାର୍ କର୍ପସ୍ ପାଣ୍ଠି ସହେତେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ନ ଉତ୍କର୍ଷ କେନ୍ଦ୍ର ଥାପ୍‌ନା ହେବା । ଫି ବଛର୍ ରାଏଜେ କଳିଙ୍ଗଶ୍ରୀ ଆର୍ କଳିଙ୍ଗ ଭୂଷଣ୍ ପୁରସ୍କାର୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଅକ୍ଷୟ- ତୃତୀୟା ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବୈଶାଖ ମାସର୍ ଉଜଲ୍ ପଖର୍ ଅଖି ତୃତୀୟା । ଚାଷୀମାନେ ଖରିଫ୍ ଚାଷ୍ ଲାଗି ନିଜର୍ ନିଜର୍ ଜମିନ୍‌ଥି ଅଖିମୁଠି ଛୁଇଁଛନ୍ । ଇ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ରଥ୍‌ଯାତ୍ରାର୍ ଲାଗି ରଥ ତିଆରି କାମ୍ ଭିଲ୍ ମୁଲ୍ ହେବା । ଆଏଜ୍‌ଠାନୁ ଶ୍ରୀ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଆଉ ନୀଳାଦ୍ରି ବିଜେ ଲାଗି ପ୍ରସ୍ତୁତି ମୁଲ୍ ହେସି ।

ସେନ୍ତା ପୁରୀ ନ ୨୧ ଦିନିଆ ଚନ୍ଦନଯାତ୍ରା ଭିଲ୍ ମୁଲ୍ ହେବା । ଅକ୍ଷୟତୃତୀୟା ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଚନ୍ଦନ୍ ଯାତ୍ରା ଲାଗି ମହାପ୍ରଭୁଙ୍କର୍ ଚଳନ୍ତି ପ୍ରତିମା ମଦନ୍ ମୋହନ, ଭୂଦେବୀ, ଶ୍ରୀଦେବୀ ଆର୍ ଶ୍ରୀକ୍ଷେତ୍ରର ପଂଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀ ନ ଚାପ ଖେଲ୍‌ବେ ।

ସେନ୍ତା ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀର ଯାତ୍ରାର ଥାଲ୍ ଉଠା ପରବ ଆଏଜ୍ ହେବା । ମା ପାର୍ବତୀଙ୍କର୍ ପିତାମାତା ଆଉ ପ୍ରଭୁ ଶିବଙ୍କର୍ ପିତାମାତା ସହେତେ ପୂଜାରୀକେ ନେଇକରି ଥାଲ୍‌ଉଠା

ପରବ ହେବା । ଇଥିର୍‌ଲାଗି ମହାଦେବ୍ ଗୁଡ଼ିମାନ୍‌କେ ଜୋର୍‌ଦାର୍ ତୟାରି ଚାଲିଛେ ।

ରତ୍ନଭଣ୍ଡାର୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରଥଯାତ୍ରା ବେଲେ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଦରବ୍ ଆର୍ ଅଲଙ୍କାର୍ ଗନ୍‌ତି କରାଯିବା ବଲି ରତ୍ନଭଣ୍ଡାର୍ ତାଲିକା ପ୍ରସ୍ତୁତି ତଦାରଖ୍ କମିଟି ନିଷ୍ପତି ନେଇଛେ । ରଥଯାତ୍ରା ବେଲେ ଶ୍ରୀମନ୍ଦିର୍‌କେ ଭକ୍ତମାନେ ନାଇଁ ଆସୁଥିବାର୍‌ନୁ ଇ ସମିଆଥି ରତ୍ନଭଣ୍ଡାର୍‌ର ଦରବ୍ ଆର୍ ଅଲଙ୍କାର୍ ଗନ୍‌ତି କର୍‌ବାର୍ ଠିକ୍ ସମିଆ ଆଏ ବଲି କମିଟି ତର୍‌ଫୁ କୁହାଯାଇଛେ । ଇତାର୍‌ସହେତେ ଗନ୍‌ତି ପ୍ରକ୍ରିୟାଥି ନୂଆଁ ଜ୍ଞାନ୍ କୌଶଲ୍‌କେ ବେଭାର୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା । କମିଟିର୍ ଅଧ୍ୟକ୍ଷ ଆର୍ ସୁପ୍ରିମ୍‌କୋର୍ଟର ଆଘର୍ ବିଚାର୍‌ପତି ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରତ୍ନଭଣ୍ଡାର୍ ତାଲିକା ପ୍ରସ୍ତୁତି ତଦାରଖ୍ କମିଟିର୍ ୨ ନମ୍ବର୍ ବୈଠକ୍ ଗଲାକାଏଲ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ହେଇଯାଇଛେ । ବୈଠକ୍‌ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ,

ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ସଦସ୍ୟ ଆର୍ ଏଏସ୍ଆଇ ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

୧୦, ୧୨ କ୍ଲାସ୍ ପରୀକ୍ଷାଫଲ        ଆର୍ଏନ୍ୟୁ / ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼-ସିବିଏସ୍ଇ ପରିଚାଳିତ୍ ୧୦ ଆଉ ୧୨ କ୍ଲାସ୍ ପରୀକ୍ଷାଫଲ୍ ଆଏବା ୨୦ ତାରିଖ୍ ଉତାରୁ ବାହାର୍ବା । ଇ ବାବ୍ଦେ ବୋର୍ଡ଼ ତର୍ଫୁ ୱେବ୍ସାଇଟ୍ଥି ସୂଚ୍ନା ଦିଆଯାଇଛେ । ସେଆଡ଼େ ଇ ବଛର୍ ମେରିଟ୍ ଲିଷ୍ଟ ନାଇଁ ବାହାରେ । ଦେଶର୍ ମୋଟ୍ ୩୯ ଲାଖ୍ ଛାତ୍ରଛାତ୍ରୀ ୧୦ ଆଉ ୧୨ କ୍ଲାସ୍ ପରୀକ୍ଷା ଦେଇଛନ୍ ।

ଆଇପିଏସ୍ ଶିକ୍ଷାନବୀଶ        ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ୫୬ ଝନ୍ ଆଇପିଏସ୍ ଶିକ୍ଷାନବୀଶ ମାନ୍କୁ ନିର୍ବାଚନ୍ ପରିଚାଳନାର୍ ଭିନ୍ ଭିନ୍ ଦିଗ୍ ବାବ୍ଦେ ଜନେଇଛନ୍ । ଇ ଶିକ୍ଷାନବୀଶ ମାନେ ରାଜ୍ୟର୍ ୮ ଟା ମାଓ ପ୍ରବଣ୍ ଇଲାକା ନ ନିର୍ବାଚନ୍ ଡ୍ୟୁଟିଥି ସାମିଲ୍ ହେବେ । ମାଓପ୍ରବଣ୍ ଇଲାକା ନ

ନିର୍ବାଚନ୍ ଲାଗି କେନ୍‌ସବୁ ଖାସ୍ ବ୍ୟବସ୍ଥା କରାଯାଇଛେ ସେ ବାବ୍‌ଦେ ଶ୍ରୀ ଧଳ ଇ ଆଇପିଏସ୍ ଶିକ୍ଷାନବୀଶ ମାନ୍‌କୁ ଅବଗତ କରେଇଛନ୍ ।

ଆଇସିସି ଆର୍‌ଏନ୍‌ୟୁ / ସମ୍ବଲପୁର

ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଛାତ୍ରୀ ଆଉ କାର୍ଯ୍ୟରତ ମହିଳାମାନ୍‌କର ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍‌କେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନେ ନିଜର୍ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି - ଆଇସିସି ଗଠନ୍ କର୍‌ବେ । ଇତାର୍‌ସହେତେ ମହିଳାମାନ୍‌କର୍ ଲାଗି ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ସ୍ୱତନ୍ତ୍ର ମହିଳା ସେଲ୍ ଗଠନ୍ କରାଯିବା ବଲି କୁହାଯାଇଛେ ।